# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 July - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ରଥାରୁଢ଼ ଶ୍ରୀଜୀଉମାନଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ; ଆସନ୍ତାକାଲି ଅଧରପଣା ନୀତି

- ପୁରୀ ରତ୍ନଭଣ୍ଡାର ଆସନ୍ତାକାଲି ପୁଣି ଥରେ ଖୋଲାଯିବ; ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା

- ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବିମାନବନ୍ଦର ଖୁବ୍‌ଶୀଘ୍ର ହେବ କାର୍ଯ୍ୟକ୍ଷମ

- ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି ମୁସଲମାନ ସଂପ୍ରଦାୟଙ୍କ ମହାନ ପର୍ବ ମହରମ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ପ୍ରବଳ ବର୍ଷା ହେବା ନେଇ ୩ଟି ଜିଲ୍ଲାକୁ ସତର୍କ ସୂଚନା

## ଶ୍ରୀଜୀଉଙ୍କ ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥିରେ ଆଜି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବଡ଼ତଡ଼ାଉ ବେଶ ବା ସୁନାବେଶ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି। ସନ୍ଧ୍ୟା ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ରାଜରାଜେଶ୍ୱରୀ ବେଶ ଭକ୍ତମାନେ ଦର୍ଶନ କରିପାରିବେ।

ସକାଳୁ ମଙ୍ଗଳଆଳତୀ ଶେଷ ହେବାପରେ ମହାପ୍ରଭୁଙ୍କ ମଇଲମ, ତଡପଲାଗି ନୀତି ଓ ଅବକାଶ ପୂଜା ଅନୁଷ୍ଠିତ ହୋଇଥିଲା । ପରେ ମହାପ୍ରଭୁମାନଙ୍କର ବେଶ ଶେଷ କରାଯାଇ ଗୋପାଳବଲ୍ଲଭ ଭୋଗ ଓ ସକାଳ ଧୂପ ହୋଇଥିଲା । ଏହାପରେ ପୁନର୍ବାର ଶ୍ରୀଜୀଉଙ୍କର ମଇଲମ, ମହାସ୍ନାନ ଓ ସର୍ବାଙ୍ଗ ନୀତି କରାଯିବା ସହ ମଧ୍ୟାହ୍ନଧୂପ ଶେଷ ହୋଇଥିଲା। ଏହାପରେ ଚାଙ୍ଗଡା ଘରଠାରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଥିବା ଭଣ୍ଡାରଘରୁ ମହାପ୍ରଭୁଙ୍କ ଆଭୂଷଣ ରଥ ଉପରକୁ ବିଜେ କରାଯାଇଥିଲା। କଡା ସୁରକ୍ଷା ମଧ୍ୟରେ ସୁନାବେଶ ପାଇଁ ରତ୍ନ ଅଳଙ୍କାରକୁ ତିନି ରଥ ଉପରକୁ ନିଆଯାଇ ଦଇତାପତି ପୁଷ୍ପାଳକ ଓ ଅନ୍ୟାନ୍ୟ ସେବକଙ୍କ ଦ୍ୱାରା ମହାପ୍ରଭୁଙ୍କୁ ସଜାଯାଉଛି। ବର୍ଷକରେ ଥରେ ଅନୁଷ୍ଠିତ ହେଉଥିବା ଏହି ବେଶକୁ ଦର୍ଶନ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି।

ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି।

ମାର୍କେଟ୍ ଛକଠାରୁ ସ୍ୱତନ୍ତ୍ର ବାରିକେଡ୍ ଦେଇ ରଥ ସମ୍ମୁଖକୁ ଆସି ସୁନାବେଶ ଦର୍ଶନ କରୁଥିବା ଲକ୍ଷ୍ୟ କରାଯାଉଛି। ଚଳିତଥର ଶ୍ରୀବିଗ୍ରହମାନଙ୍କ

ସମ୍ମୁଖରେ କୌଣସି ସେବାୟତ ଠିଆ ନ ହେବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୯୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ ଶ୍ରଦ୍ଧାଳୁଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଜଳ ରଖାଯାଇଥିବାବେଳେ ଡାକ୍ତରୀ ଦଳକୁ ସଜାଗ ରଖାଯାଇଛି ।

ଆସନ୍ତାକାଲି ଅଧରପଣା ନୀତି ଅନୁଷ୍ଠିତ ହେବ । ସେହିଭଳି ଶୁକ୍ରବାର ଦିନ ଠାକୁରଙ୍କର ନିଳାଦ୍ରୀବିଜେ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ବାହୁଡାଯାତ୍ରା-ବୌଦ୍ଧ

**ବୌଦ୍ଧ**ଠାରେ ବାହୁଡା ଯାତ୍ରା ସମାପନ ହେବା ପରେ ଆଜି ୩ ଠାକୁରଙ୍କର ସୁନାବେଶ ଅନୁଷ୍ଠିତ ହେଉଛି ।  ଆଜି ରାତି ୯ଟା ପରେ ଶ୍ରୀଜୀଉମାନଙ୍କର ପହଣ୍ଡି କରାଯାଇ ରତ୍ନ ସିଂହାସନରେ ବିଜେ କରାଯିବ । ସୁନାବେଶ ଦେଖିବା ପାଇଁ  ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି ।

**କେନ୍ଦୁଝର**ର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କର ସୁନାବେଶ ଆଜି ଅନୁଷ୍ଠିତ ହୋଇଛି ।  ପାଗ ଅନୁକୂଳ ଥିବାରୁ ଶ୍ରଦ୍ଧାଳୁଙ୍କର ଭିଡ ପରିଲକ୍ଷିତ ହୋଇଛି ।  ଆଜି ସୁନାବେଶରେ ତିନିଠାକୁରଙ୍କଠାରେ ପ୍ରାୟ ୧୬ କେ.ଜି. ୭୫୦ ଗ୍ରାମ୍‌ର ସୁନା ୩୦ କିଲୋ ଗ୍ରାମ୍ ରୂପା

ଅଳଙ୍କାର ଲାଗି କରାଯାଇଛି। ଆଜି ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିପାରିବେ।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିରରେ ଭିତର ରତ୍ନଭଣ୍ଡାର ଆସନ୍ତାକାଲି ଖୋଲାଯିବ। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏ ସମ୍ପର୍କରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ସିନ୍ଧୁକ, ଆଲମିରାକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯିବ। ଏହାପରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)କୁ ଭଣ୍ଡାର ଗୃହ ମରାମତି ପାଇଁ ଅନୁମତି ଦିଆଯିବ। ଅଳଙ୍କାରଗୁଡ଼ିକର ଗଣତି ଓ ମଣତି ପାଇଁ ପ୍ରାୟ ୩୦ରୁ ୪୦ ଦିନ ଲାଗିବ। ଅଳଙ୍କାର ଗୁଡିକ ନୂଆ ସିନ୍ଧୁକରେ ରଖାଯିବ। ଆବଶ୍ୟକ ପଡିଲେ ମହାପ୍ରଭୁଙ୍କ ନୂଆ ଅଳଙ୍କାର ନିର୍ମାଣ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ କେବଳ ଅଧୀକୃତ ବ୍ୟକ୍ତିମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ଅନ୍ୟ ତିନି ଦ୍ୱାର ଆସନ୍ତାକାଲି ବନ୍ଦ ରହିବ। ଅନ୍ୟପକ୍ଷରେ ଭକ୍ତମାନେ ରଥାରୁଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ।

## ବିମାନବନ୍ଦର

ମୟୂରଭଞ୍ଜ ଜିଲ୍ଲାସ୍ଥିତ ଅମର୍ଦା ରୋଡ୍ ରାସଗୋବିନ୍ଦପୁର ବିମାନବନ୍ଦରକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ। ଏ ନେଇ ବାଣିଜ୍ୟ ଓ

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଅମର୍ଦା ରୋଡ୍ ବିମାନବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଝାରସୁଗୁଡ଼ା ବିମାନବନ୍ଦରର ଉନ୍ନତି ସମ୍ପର୍କରେ ୨ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ସେଠାରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅମର୍ଦା ରୋଡ୍ ବିମାନବନ୍ଦର ୪୦ ଦଶକରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାର୍ଯ୍ୟକ୍ଷମ ଥିଲା। କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ଏଠାରେ ଅଧିକ ଜମିଗ୍ରହଣ ଓ ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି।

## ନିତି ଆୟୋଗରେ ଜୁଏଲ ଓରାମ୍

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ନୀତି ଆୟୋଗ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାର ନୀତି ଆୟୋଗର ପୁନର୍ଗଠନ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷ ରହିଥିବା ବେଳେ ସୁମନ କେ. ବେରୀ ଉପାଧ୍ୟକ୍ଷ ରହିଛନ୍ତି। ଆୟୋଗରେ ୪ ଜଣ ପୂର୍ଣ୍ଣକାଳୀନ ଓ ୪ ଏକ୍ସ ଅଫିସିଓ ସଦସ୍ୟ ରହିଥିବାବେଳେ ୧୧ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତାଲିକାରେ ରହିଛନ୍ତି।

# ମହରମ

ମୁସଲମାନ ସଂପ୍ରଦାୟର ମହାନ ପର୍ବ ମହରମ ଆଜି ସାରା ଦେଶରେ ପାଳିତ ହେଉଛି । ପ୍ରଫେଟ ମହମ୍ମଦଙ୍କ ନାତି ହଜରତ୍ ଇମାମ ହୁସେନଙ୍କର ବଳିଦାନକୁ ସ୍ମରଣ କରି ଏହି ଦିବସ ପାଳନ କରାଯାଉଛି । ଏହି ଉପଲକ୍ଷେ ମସ୍‌ଜିଦ୍ ଗୁଡ଼ିକରେ ସମୁହ ନମାଜ ପାଠ କରାଯାଉଥିବା ଦେଖିବାକୁ ମିଳିଛି ।

**ବୌଦ୍ଧ** ଜିଲ୍ଲାର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ମହରମ୍ ପର୍ବ ପାଳନ କରାଯାଉଛି। ବୌଦ୍ଧ ଓ ମନମୁଣ୍ଡାଠାରେ ମୁସଲମାନ ଭାଇଭଉଣୀମାନେ ମସ୍‌ଜିଦ୍ ଓ ମଜାର ଯାଇ ନମାଜ ପାଠ କରିଛନ୍ତି। ଏହି ଅବସରରେ ପବିତ୍ର କୋରାନ୍ ଉପରେ ଆଲୋଚନା ହୋଇଥିଲା।

# ଖାଦ୍ୟ ଯୋଗାଣ ମନ୍ତ୍ରୀ

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟର ବିଭିନ୍ନ ତୈଳ ଓ ଗ୍ୟାସ ବିତରକଙ୍କ ସହ ଆଲୋଚନା କରି ଖାଉଟିମାନଙ୍କୁ ଠିକ୍ ପରିମାଣ ଓ ଗୁଣାତ୍ମକ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଗତକାଲି ଅନୁଷ୍ଠିତ ଏକ ବୈଠକରେ ଗ୍ୟାସ ବୁକିଂର ୪୮ ଘଣ୍ଟା ମଧ୍ୟରେ ଖାଉଟିମାନଙ୍କ ନିକଟରେ ଗ୍ୟାସ ପହଞ୍ଚାଇବା ନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଗ୍ୟାସର କଳାବଜାରୀ ଓ ତୈଳ ସାମଗ୍ରୀରେ ଅପମିଶ୍ରଣ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ନିୟମିତ ଯାଞ୍ଚ ଜାରି ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭିନ୍ନ ବିତରକ

ସଂସ୍ଥାର ସମସ୍ୟା ଓ ଖାଉଟିମାନଙ୍କର ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ଉପରେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା ।

## ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ପୁରସ୍କାର

ମହିମା ଧର୍ମ ବିଷୟବସ୍ତୁକୁ ନେଇ ଦେବରଞ୍ଜନଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ଆନ୍ତର୍ଜାତିକ ସ୍ତରରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ପୁରସ୍କାର ପାଇଛି। **ନୂଆପଡ଼ା** ଜିଲ୍ଲା ଖଡିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଫଣୀନ୍ଦମ୍ ଦେଓଙ୍କ ରଚିତ 'ସୋସିଓ ରିଲିଜିଅସ୍ ମୁଭ୍‌ମେଣ୍ଟ ଆଣ୍ଡ୍ କଲଚରାଲ୍ ନେଟ୍‌ଓ୍ୱାର୍କ୍ ଇନ୍ ଇଣ୍ଡିଆ ସିଭିଲାଇଜେସନ୍' ପୁସ୍ତକରେ ମହିମା ଧର୍ମ ସମ୍ପର୍କିତ ଲେଖା ଆଧାରରେ ଦେବରଞ୍ଜନ ଏହି କ୍ଷୁଦ୍ର ଚଳଚ୍ଚିତ୍ରଟିକୁ ପ୍ରସ୍ତୁତ କରିଥିଲେ। ନିକଟରେ କୋଡାଇକେନାଲ ଆନ୍ତର୍ଜାତିକ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବରେ ଏହା ପ୍ରଦର୍ଶିତ ହୋଇ ଶ୍ରେଷ୍ଠ ବିବେଚିତ ହୋଇଛି। ଏହି ଚଳଚ୍ଚିତ୍ରଟି ପ୍ରସ୍ତୁତ କରିବା ପାଇଁ ଦେବରଞ୍ଜନ ଅନୁଗୁଳ, ଭୁବନେଶ୍ୱର, ଖଡିଆଳ, ତୁକଲା, ବଙ୍ଗୋମୁଣ୍ଡା ଆଦି ବିଭିନ୍ନ ଗ୍ରାମ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ।

## ଜବରଦଖଲ କୋଠା–ମନ୍ତ୍ରୀଙ୍କ ପ୍ରତିକ୍ରିୟା

ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିଲେ ତାହାକୁ ଉଚ୍ଛେଦ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଅଧିକ ଜାଗା ଜବରଦଖଲ କରି ଅଟ୍ଟାଳିକା ନିର୍ମାଣ କରିଥିଲେ ବି ତାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବ। ପୂର୍ବରୁ କେବଳ ଗରିବଙ୍କ ଘର ଭଙ୍ଗା

ହେଉଥିବାବେଳେ, ଏବେ ବଡ଼ବଡ଼ିଆଙ୍କ ଘର ଭଙ୍ଗାହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

## ସର୍ପ ଦିବସ

**ବୌଦ୍ଧ** ପ୍ରାଣୀକଲ୍ୟାଣ ମଞ୍ଚ ପକ୍ଷରୁ ବିଶ୍ୱ ସର୍ପ ଦିବସ ପାଳନ କରାଯାଇଛି । ସରସରାସ୍ଥିତ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ସର୍ପଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଣୀ କଲ୍ୟାଣ ମଞ୍ଚର ଉପଦେଷ୍ଟା ସମୀର ସାହୁ ଏହି ଅବସରରେ ସର୍ପଦଂଶନର ପ୍ରାଥମିକ ଉପଚାର ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ ।

## ଆନନ୍ଦ ଚନ୍ଦ୍ର ଜେନା-ଜୟନ୍ତୀ

ସ୍ୱାଧୀନତା ସଂଗ୍ରାମୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୦ତମ ଜୟନ୍ତୀ **କେନ୍ଦ୍ରାପଡା**ଠାରେ ପାଳିତ ହୋଇଯାଇଛି । ଆନନ୍ଦ ଚନ୍ଦ୍ର ଜେନା ସ୍ମୃତିକମିଟି ସଭାପତି କରୁଣାକୁର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆନନ୍ଦ ଚନ୍ଦ୍ର ଜେନାଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ପ୍ରଜା ଆନ୍ଦୋଳନରେ ତାଙ୍କର ବିଶେଷ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଲଘୁଚାପ ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତା ଶୁକ୍ରବାର ସୁଦ୍ଧା ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆସନ୍ତା ଶନିବାର ସୁଦ୍ଧା ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*******************************
*